# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 2202 CUTTACK, SATURDAY, DECEMBER 7, 2019/MARGASIRA 16, 1941**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 13 ଅଗଷ୍ଟ 2019

ସଂଖ୍ୟା 23651—RDM-LAC-KNJ-0053/2019-R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର କାନୁପୁର ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର, ସରକାରୀ ବ୍ୟୟରେ ମୌଜା ସାନନଇ(ଖ), ଥାନା ଚମ୍ପୁଆ ନଂ. ୬୫, ତହସିଲ ଚମ୍ପୁଆ, ଜିଲ୍ଲା କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ 0.37 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013 (RFCTLAR & R Act, 2013) ର 11(1) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013 ର ଧାରା 11(1) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – କାନୁପୁର ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, କାନୁପୁର କେନାଲ ଡିଭିଜନ ନଂ. ୨, ରିମୁଳି, କେନ୍ଦୁଝର ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ କାନୁପୁର ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଚମ୍ପୁଆ ।

୬ । ଜମିର ବିବରଣୀ —

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କେନ୍ଦୁଝର | ଚମ୍ପୁଆ | ସାନନଇ(ଖ) | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୦.୩୭ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, କାନୁପୁର ଜଳସେଚନ କେନାଲ, ରିମୁଳି, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ଭୂମି ଅନୁସୂଚୀ**

ମୌଜା ସାନନଇ(ଖ) (ଗ୍ରାମାଞ୍ଚଳ), ଥାନା ଚମ୍ପୁଆ ନଂ. ୬୫, ତହସିଲ ଚମ୍ପୁଆ, ଜିଲ୍ଲା କେନ୍ଦୁଝରର କାନୁପୁର ଜଳସେଚନ ପ୍ରକଳ୍ପର ମାଇନର ଏବଂ ସବ୍-ମାଇନର କେନାଲ ନିର୍ମାଣ ନିମନ୍ତେ

| ଖାତା ନଂ. | ସତ୍ୱ | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|
| (୧) | (୨) | (୩) | (୪) | (୫) (ଏକର) | (୬) (ଏକର) | (୭) |
| ୨୦ | ରୟତି | ୯୧୫ | ଶାରଦ ଦୁଇ | ୦.୦୭ | ୦.୦୫ | ଉମାକାନ୍ତ ପ୍ରଧାନ, ସ୍ୱା ମନ ପ୍ରଧାନ, ହେମ ପ୍ରଧାନ, ସ୍ୱା. ମନ ପ୍ରଧାନ, ବା. ନିଜଗାଁ । |
| ୧୩୯ | ରୟତି | ୪୪୦ | ଶାରଦ ଦୁଇ | ୦.୩୭ | ୦.୩୦ | ବିଶ୍ୱନାଥ ପ୍ରଧାନ, ପି. ଅଧିକାରି ପ୍ରଧାନ, ଜା. ଗୋପାଳ, ବା. ନିଜଗାଁ । |
| ୨୦୩ | ରୟତି | ୬୮୨ | ଶାରଦ ଦୁଇ | ୦.୩୮ | ୦.୦୨ | ଶୈଳ ପ୍ରଧାନ, ପି. ଘାସିଆ ପ୍ରଧାନ, ଜା. ଗୋପାଳ, ବା. ନିଜଗାଁ । |
| | | | | **ମୋଟ ..** | **୦.୩୭** | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଅଭୟ କୁମାର ନାୟକ**

ଅତିରିକ୍ତ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1533—173+30